# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**5 February - 2025**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ପ୍ରୟାଗରାଜର ମହାକୁମ୍ଭ ମେଳାରେ ଯୋଗଦେଇ ତ୍ରିବେଣୀସଂଗମରେ ବୁଡ ପକାଇଲେ ପ୍ରଧାନମନ୍ତ୍ରୀ
- 'ବିକଶିତ ଗାଁ-ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

— କହିଲେ, ରାଜ୍ୟର ୫୩ ହଜାର ୮୪୫ଟି ରାଜସ୍ୱ ଗ୍ରାମର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

- ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କଲେ ଷୋଡଶ ଅର୍ଥ କମିଶନ ଅଧକ୍ଷ ଓ ସଦସ୍ୟବୃନ୍ଦ; ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ସହ କରିବେ ସାକ୍ଷାତ ଆଲୋଚନା

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆଜି ମାଘ ଶୁକ୍ଳ ଅଷ୍ଟମୀ ତିଥିରେ ଶ୍ରୀଜୀଉଙ୍କର ହେବ ବନକଲାଗି ନୀତି; ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବନ୍ଦ ରହିବ ସର୍ବ ସାଧାରଣ ଦର୍ଶନ

# ପିଏମ୍ ମୋଦୀ– ମହାକୁମ୍ଭ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଉତ୍ତରପ୍ରଦେଶ ପ୍ରୟାଗରାଜର ମହାକୁମ୍ଭ ମେଳାରେ ଯୋଗଦେଇ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସଂଗମରେ ବୁଡ଼ ପକାଇ ସେ ଐଶ୍ୱର୍ଯ୍ୟୀକ ଅନୁଭୂତି ପ୍ରାପ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ' ସେଠାରେ ଗଙ୍ଗାମାତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଭାରତର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହନ ଓ ସଂରକ୍ଷଣ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଅନୁଯାୟୀ ପ୍ରଧାନମନ୍ତ୍ରୀ ତୀର୍ଥସ୍ଥଳରେ ଭିତ୍ତିଭୂମି ଏବଂ ସୁବିଧା ବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି । ସଂଗମଠାରେ ଶ୍ରୀ ମୋଦୀ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଆସ୍ଥା ଓ ବିଶ୍ୱାସର ମହାସ୍ନାନ କରିଛନ୍ତି। ପ୍ରଧାନମନ୍ତ୍ରୀ ତ୍ରିବେଣୀଘାଟଠାରେ ପୂଜାର୍ଚ୍ଚନା କରିବା ସହ ସାଧୁସନ୍ନ୍ୟାସୀଙ୍କୁ ଭେଟିଛନ୍ତି।

ସୂଚନାଯୋଗ୍ୟ, ଗତ ମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳା ଚଳିତମାସ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାମଧ୍ୟରେ ୩୯ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇ ସାରିଛନ୍ତି। ଚଳିତଥର ମହାକୁମ୍ଭ ୧୪୪ ବର୍ଷ ପରେ ଅନୁଷ୍ଠିତ ହେଉଛି।

# ଦିଲ୍ଲୀ ନିର୍ବାଚନ

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ମତଦାନ ଜାରି ରହିଛି। ଅପରାହ୍ଣ ଗୋଟାଏ ସୁଦ୍ଧା ପାଖାପାଖି ୩୩ ଦଶମିକ ୩/୧ ପ୍ରତିଶତ ମତଦାତା

ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର, ଆପ୍ ନେତା ଅରବିନ୍ଦ କେଜ୍ରୀୱାଲ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରମୁଖ ମତଦାନ କରିଛନ୍ତି। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ ଚଳିତ ଥର ଏହି ନିର୍ବାଚନରେ ୬୯୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ୧୩ ହଜାର ୩୩ ପୋଲିଂ ବୁଥ୍‌ରେ ପ୍ରାୟ ୧ କୋଟି ୫୬ ଲକ୍ଷ ଭୋଟର ନିଜର ମତ ସାବ୍ୟସ୍ତ କରିବେ। ସେଥିମଧ୍ୟରେ ୮୩ ଲକ୍ଷ ୪୯ ହଜାର ପୁରୁଷ ଭୋଟର ଓ ୭୧ ଲକ୍ଷ ୭୪ ହଜାର ମହିଳା ଭୋଟର ରହିଛନ୍ତି। ଆସନ୍ତା ୮ ତାରିଖରେ ଭୋଟ ଗଣତି ହେବା ସହ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ ।

# ବିକଶିତ ଗାଁ, ବିକଶିତ ଓଡ଼ିଶା

'ବିକଶିତ ଗାଁ, ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ ଦାରିଦ୍ର୍ୟ ଓ ଅନଗ୍ରସରତା ବିରୋଧରେ ଏକ ଜନଆନ୍ଦୋଳନ। ଓଡ଼ିଶାର ସମୃଦ୍ଧି ଓ ବିକାଶରେ ଏହା ସହଯୋଗ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। **ଖୋର୍ଦ୍ଧା** ଜିଲ୍ଲା ଜଙ୍କିଆଠାରେ  ଆଜି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଶ୍ରୀ ମାଝୀ କହିଛନ୍ତି, ଗ୍ରାମ ଓ ସହରରେ ଉପଲବ୍ଧ ହେଉଥିବା ସମସ୍ତ ସୁବିଧାର ଅନ୍ତରକୁ କମ୍ କରିବାରେ ଏହି ଯୋଜନା ସହାୟକ ହେବ। ଗ୍ରାମର ବିକାଶ ହେଲେ ରାଜ୍ୟର ବିକାଶ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# - V/O -

ରାଜ୍ୟର ୫୩ ହଜାର ୮୪୫ଟି ରାଜସ୍ୱ ଗ୍ରାମର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ଯୋଜନାରେ ରାଜ୍ୟର ପ୍ରତ୍ୟେକ ବ୍ଲକ୍ ଓ ଜିଲ୍ଲା କାର୍ଯ୍ୟାଳୟକୁ ସଂଯୋଗ କରାଯାଇଛି। ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଏବଂ ବ୍ଲକସ୍ତରୀୟ ପ୍ରତିନିଧିମାନେ ଆଭାସୀ ମାଧ୍ୟମରେ ସାମିଲ ହୋଇଛନ୍ତି। ଏହି ଯୋଜନା ଅଧୀନରେ ଗ୍ରାମଗୁଡ଼ିକର ମୌଳିକ ଭିତ୍ତିଭୂମିର ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ।

ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାୟକ କହିଛନ୍ତି, 'ବିକଶିତ ଗାଁ-ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମୀଣ ଅର୍ଥନୀତି ଆଗକୁ ବଢ଼ିବ। ଗ୍ରାମସଭା ମାଧ୍ୟମରେ ଗାଁର ସମସ୍ତ ବିକାଶମୂଳକ କାର୍ଯ୍ୟପାଇଁ ନିଷ୍ପତ୍ତି ନିଆଯିବ।

୨୦୨୪-୨୫ ଆର୍ଥିକବର୍ଷରେ ବିକଶିତ ଗାଁ-ବିକଶିତ ଓଡ଼ିଶା ପାଇଁ ରାଜ୍ୟ ସରକାର ବଜେଟ୍‌ରେ ହଜାରେ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଏଥିପାଇଁ ମୋଟ୍ ପାଣ୍ଠିର ୪୦ ପ୍ରତିଶତ  ଆଦିବାସୀ ବହୁଳ ଅଂଚଳର ଉନ୍ନତି ପାଇଁ ଖର୍ଚ୍ଚ କରାଯିବ। ଚଳିତ ମାସ ୧୫ ତାରିଖ ସୁଦ୍ଧା ଜିଲ୍ଲାପାଳ ଓ ବିଡିଓ ମାନେ ଏକ ୫ ବର୍ଷିୟ ଯୋଜନା ତାଲିକା ପ୍ରସ୍ତୁତ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

**ଭଦ୍ରକ** ଜିଲ୍ଲା ସଦରମହକୁମା ମଠସାହି ଶ୍ରୀଗୋପାଳଜୀଉ ଉଚ୍ଚବିଦ୍ୟାଳୟଠାରେ 'ବିକଶିତ ଗାଁ-ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଛନ୍ତି, ଏହି ଯୋଜନା ଦ୍ୱାରା ଆସୁଥିବା ପାଣ୍ଠିର ବିନିଯୋଗ କରାଯାଇ ଗାଁ ଭିତ୍ତିଭୂମିର ବିକାଶ ସହ କ୍ରୀଡ଼ା ଏବଂ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି କରାଯାଇପାରିବ । ପଂଚାୟତକୁ ତୃଣମୂଳସ୍ତରରେ ଆର୍ଥିକ ଭାବେ ଶକ୍ତିଶାଳୀ କରିବା ଏବଂ ଜନଭାଗିଦାରୀକୁ ସୁନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମ ପ୍ରମୁଖ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ।

**ନବରଙ୍ଗପୁର** ଜିଲ୍ଲାରେ 'ବିକଶିତ ଗାଁ-ବିକଶିତ ଓଡ଼ିଶା' ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଧାୟକ ଗୌରୀଶଙ୍କର ମାଝୀ ଯୋଗଦେଇ ଏହି ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

## ଷୋଡ଼ଶ ଅର୍ଥ କମିଶନ

୪ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଷୋଡ଼ଶ ଅର୍ଥ କମିଶନ ଅଧ୍ୟକ୍ଷ ଓ ସଦସ୍ୟ ବୃନ୍ଦ ଆଜି **ପୁରୀ** ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ସିଂହଦ୍ୱାରଠାରେ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖଣ୍ଡୁଆ ଏବଂ କ୍ୟାଲେଣ୍ଡର ଦେଇ ସ୍ୱାଗତ କରାଯାଇଥିଲା । ଏହା ପରେ କମିଶନ କୋଣାର୍କ ଓ ଧଉଳି ଗ୍ରାମପଞ୍ଚାୟତ ଗସ୍ତର କାର୍ଯ୍ୟସୂଚୀ ରହିଛି । କମିଶନ ପୁରୀ ଜିଲ୍ଲାରେ ଚାଲିଥିବା ପ୍ରକଳ୍ପଗୁଡ଼ିକରେ ବିନିଯୋଗ ହୋଇଥିବା ଅର୍ଥରାଶି ଏବଂ ଆବଶ୍ୟକୀୟ ଅର୍ଥ ଖର୍ଚ୍ଚ ସମ୍ପର୍କରେ ଜିଲ୍ଲାର ଅଧିକାରୀଙ୍କ ସହ ଆଲୋଚନା ଓ ସମୀକ୍ଷା କରିବେ । ଏ ସମ୍ପର୍କରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି...

# - V/O -

କମିଶନ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ପ୍ରମୁଖ ଅଧିକାରୀଙ୍କ ସହ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ।

## ବିପିୟୁଟି-ରାଜ୍ୟପାଳ

ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବକୁ ରାଜ୍ୟପାଳ ତଥା  ବିଶ୍ୱବିଦ୍ୟାଳୟର କୁଳାଧିପତି ଡକ୍ଟର ହରି ବାବୁ କମ୍ଭମ୍‌ପାଟି ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ୟୁଜି, ପିଜି ଏବଂ ପିଏଚ୍‌ଡି ପାଠ ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି । ୨୦୨୩-୨୪ ଶିକ୍ଷାବର୍ଷରେ ୟୁଜି ଏବଂ ପିଜି ପାଠ୍ୟକ୍ରମ ସମାପ୍ତ କରିଥିବା ୨୯ ହଜାର ୨୮୩ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ ସହ ବିଶ୍ୱବିଦ୍ୟାଳୟର ୧୯ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ଦିଆଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ଡିଆରଡିଓ ନିର୍ଦ୍ଦେଶକ ଡକ୍ଟର ବିନୟ କୁମାର ଦାସ ମୁଖ୍ୟଅତିଥିଭାବେ ଯୋଗଦେଇଛନ୍ତି ।

## ବନକଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ମାଘ ଶୁକ୍ଳ ଅଷ୍ଟମୀ ତିଥିରେ ଆଜି ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ପରେ ଏହି ଗୁପ୍ତନୀତି ଅନୁଷ୍ଠିତ ହେବ। ଦତ୍ତ ମହାପାତ୍ର ଓ ଅନ୍ୟାନ୍ୟ ସେବକମାନେ ଶ୍ରୀଜୀଉମାନଙ୍କ ଶ୍ରୀମୁଖ ଶୃଙ୍ଗାର ଗୁପ୍ତନୀତି ସମ୍ପାଦନ କରିବେ। ଏ ନେଇ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ନିପୁଣ ଓଡ଼ିଶା ମେଳା

**ନବରଙ୍ଗପୁର** ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅଧୀନ ଲମ୍ତାଗୁଡ଼ା ଆଂଚଳିକ ସାଧନ କେନ୍ଦ୍ରଠାରେ ନିପୁଣ ଓଡ଼ିଶା ମେଳା କହ୍ନେଇମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାମୁହିକ ନିପୁଣ ଓଡ଼ିଶା ସଂଗୀତ ଓ ନିପୁଣ ଓଡ଼ିଶା ଶପଥପାଠ ହୋଇଥିଲା । ବିଭିନ୍ନ ଶିକ୍ଷଣ ସାମଗ୍ରୀ ଓ ନାଚଗୀତ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଭାଷା ଓ ସଂଖ୍ୟାଜ୍ଞାନର ଦକ୍ଷତା ବୃଦ୍ଧି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମରେ ୧୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ ।

# କ୍ରିକେଟ୍-ଟିକେଟ୍

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ପାଇଁ ଆଜିଠାରୁ ଅଫ୍‌ଲାଇନ୍‌ରେ ଟିକେଟ୍ ବିକ୍ରି ଆରମ୍ଭ ହୋଇଛି । ଏଥିପାଇଁ ଷ୍ଟାଡିୟମ ନିକଟରେ ୪ଟି ଟିକେଟ୍ କାଉଣ୍ଟର କରାଯାଇଛି । ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ୍ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ପ୍ରାଣୀସମ୍ପଦ ମେଳା

**ସୁବର୍ଣ୍ଣପୁର** ଜିଲ୍ଲା ପ୍ରାଣୀସମ୍ପଦ ଓ ମତ୍ସ୍ୟବିଭାଗ ପକ୍ଷରୁ ସ୍ଥାନୀୟ ରୟାଲ ପଡିଆଠାରେ ଦୁଇଦିନିଆ ପ୍ରାଣୀସମ୍ପଦ ମେଳାକୁ ଜିଲ୍ଲାପାଳ ଅନ୍ୟା ଦାସ

ଉଦ୍‌ଘାଟନ କରିଛନ୍ତି । ମେଳାର ୩୫ଟି ଷ୍ଟଲ୍‌ରେ ଉଭୟ ପ୍ରାଣୀ ଓ ମତ୍ସ୍ୟ ବିଭାଗର ଉନ୍ନୟନକୁ ନେଇ ବିଭିନ୍ନ ପ୍ରଦର୍ଶନୀ କରାଯାଇଛି । ମାଛ ଚାଷ, କୁକୁଡା, ବତକ ଓ ଗୋପାଳନ କରି ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାକୁ ଜିଲ୍ଲାର  ଯୁବ ଉଦ୍ୟୋଗୀଙ୍କୁ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଳା ପରାମର୍ଶ ଦେଇଛନ୍ତି ।

## ତାଲିମ୍ କାର୍ଯ୍ୟକ୍ରମ

**ନବରଙ୍ଗପୁର** ଜିଲ୍ଲା ଡାବୁ ଗାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ପଂଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ସଦସ୍ୟଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।  ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଯୋଗଦେଇ ଶିଶୁ ଅଧିକାର ସୁରକ୍ଷା ଏବଂ ଅନ୍ୟାନ୍ୟ କିଶୋର ନ୍ୟାୟ ଅଧିନିୟମ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ ।

# ପାଣିପାଗ

ରାଜ୍ୟର ବିଭିନ୍ନ ଅଂଚଳରେ ଦିନର ସର୍ବୋଚ୍ଚ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ଝାରସୁଗୁଡ଼ା ଜିଲ୍ଲାରେ ସର୍ବୋଚ୍ଚ ତାପମାତ୍ରା ୩୬ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଥିଲା । ଅପରପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡି ହେବା ନେଇ ୬ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*******************************